# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**18 August - 2024**

**News Editor : *Tapan Kumar Moharan***

***********************************

## ମୁଖ୍ୟ ସମ୍ବାଦ

- ନବନିର୍ବାଚିତ ବିଧାୟକଙ୍କର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ
- ଆସନ୍ତାକାଲି ଏବଂ ୨୬ ତାରିଖ ଦିନ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି
- ଆବଶ୍ୟକତାକୁ ପୂରଣ କରିବା ଲାଗି ଉତ୍ତରପ୍ରଦେଶରୁ ଟ୍ରେନ୍ ମାଧ୍ୟମରେ ଆଳୁ ଆଣିବାକୁ ବ୍ୟବସ୍ଥା କରାଯାଉଛି; କହିଲେ ବିଭାଗୀୟ ମନ୍ତ୍ରୀ

ଏବଂ

- ବଜ୍ରପାତ ଦ୍ୱାରା ଜୀବନହାନୀକୁ ରୋକିବା ଲାଗି ରାଜ୍ୟରେ ୨୦ ଲକ୍ଷ ତାଳ ଚାରା ରୋପଣ ପାଇଁ ନିଆଯାଇଛି ପଦକ୍ଷେପ

## ବିଧାୟକଙ୍କ ପ୍ରଶିକ୍ଷଣ ଶିବିର

ରାଜ୍ୟ ବିଧାନସଭାର ନବନିର୍ବାଚିତ ବିଧାୟକଙ୍କର  ପ୍ରଶିକ୍ଷଣ ଶିବିର ଆଜି ଶେଷ ହୋଇଛି। ଶେଷ ଦିବସରେ ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଏବଂ କଟକ ସାଂସଦ ଭର୍ତ୍ତୃହରି ମହତାବ ଗଣତନ୍ତ୍ରରେ ଗୃହର କାର୍ଯ୍ୟକାରିତା ନେଇ ବିଧାୟକମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବିଧାୟକମାନଙ୍କୁ  ବିଧାନସଭାର କାର୍ଯ୍ୟକଳାପ ସହିତ ଗୃହର ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଭାଗ ନେବା ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଛି । ପ୍ରଶିକ୍ଷଣର ଶେଷ ପର୍ଯ୍ୟାୟରେ ବାଚସ୍ପତି ସୁରମା ପାଢ଼ୀ ଅଭିଭାଷଣ ପ୍ରଦାନ କରିଥିଲେ। ସେ କହିଥିଲେ ଏଭଳି କାର୍ଯ୍ୟକ୍ରମ ନବନିର୍ବାଚିତ ସଦସ୍ୟଙ୍କୁ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିବ। ଗୃହରେ ଶିଷ୍ଟାଚାର ଏବଂ ଉତ୍ତମ ପରମ୍ପରା ବଜାୟ ରଖିବା ସହ ବିକଶିତ ତଥା କଲ୍ୟାଣକାରୀ ରାଜ୍ୟ ଗଠନରେ ଏହା ବିଶେଷ ସହାୟକ ହେବ ବୋଲି ସେ କହିଥିଲେ। ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆଇନ୍ ପ୍ରଣୟନ ପ୍ରକ୍ରିୟା ଉପରେ ଆଲୋଚନା ହୋଇଥିଲା। ଲୋକସଭା ସଚିବାଳୟର ପୂର୍ବତନ ଯୁଗ୍ମ ସଚିବ ବିନୟ କୁମାର ମୋହନ ଏହି ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ।

ସଂସଦୀୟ ବ୍ୟାପାର ମନ୍ତ୍ରୀ  ଡକ୍ଟର ମୁକେଶ ମହାଲିଙ୍ଗ ଏହି ଦୁଇଦିନିଆ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ବିଧାୟକ ଏବଂ ପ୍ରଶିକ୍ଷକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ଦ ରହିବ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଆସନ୍ତାକାଲି ଏବଂ ଚଳିତମାସ ୨୬ ତାରିଖ ଦିନ  ବନ୍ଦ ରହିବ। ସରକାରୀ ଛୁଟି ଥିବାରୁ ଏହି ଦିନରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଆଳୁ –କୃଷ୍ଣଚନ୍ଦ୍ର ପାତ୍ର

ରାଜ୍ୟରେ ଆଳୁ ଆବଶ୍ୟକତାକୁ ପୂରଣ କରିବା ଲାଗି  ଉତ୍ତରପ୍ରଦେଶରୁ ଟ୍ରେନ୍ ମାଧ୍ୟମରେ ଆଳୁ ଆଣିବାକୁ ବ୍ୟବସ୍ଥା କରାଯାଉଛି ବୋଲି ଖାଦ୍ୟ ଯୋଗାଣ ଏବଂ ଉପଭୋକ୍ତା କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ସାମ୍ବାଦିକମାନଙ୍କ ସହ ଆଲୋଚନାବେଳେ ସେ କହିଛନ୍ତି ଦୁଇଟି ଟ୍ରେନରେ ଆଳୁ ଆଣିବା ପାଇଁ ପଦକ୍ଷେପ ନିଆଯାଉଛି। ଏଥିପାଇଁ ରେଳମନ୍ତ୍ରୀଙ୍କ ସହ ମଧ୍ୟ ଆଲୋଚନା କରାଯାଇଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ପଶ୍ଚିମବଙ୍ଗ ସରକାର ସେଠାରେ ଆଳୁ  ପାଇକାରୀ ଯୋଗାଣ ଏବଂ ମୂଲ୍ୟକୁ ସ୍ଥିର ରଖିବା ଲକ୍ଷ୍ୟରେ ଗତମାସରେ ଆଳୁ ରପ୍ତାନୀକୁ ବନ୍ଦ କରିଥିଲେ। ଫଳରେ ଏହା ଉପରେ ନିର୍ଭରଶୀଳ ଓଡ଼ିଶାରେ ଆଳୁର ଅଭାବ ପରିଲକ୍ଷିତ ହୋଇଥିଲା। ପଶ୍ଚିମବଙ୍ଗ ଉପରେ ନିର୍ଭରଶୀଳତା ହ୍ରାସ କରିବାକୁ ରାଜ୍ୟ ସରକାର ବିକଳ୍ପ ଭାବରେ ଉତ୍ତରପ୍ରଦେଶରୁ ଆଳୁ ଆମଦାନୀ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

## ବିଜେପି ମେମ୍ବରସିପ୍ ଡ୍ରାଇଭ୍ସ

ଭାରତୀୟ ଜନତା ପାର୍ଟି ଆସନ୍ତା ପହିଲାରୁ ନୂଆ ସଦସ୍ୟତା ଅଭିଯାନ ଆରମ୍ଭ କରିବ । ଏହା ଅଧୀନରେ ୧୦କୋଟିରୁ ଅଧିକ ଲୋକଙ୍କୁ ଦଳରେ ସଦସ୍ୟଭାବେ ଗ୍ରହଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି । ନୂଆଦିଲ୍ଲୀଠାରେ ଦଳର ରାଷ୍ଟ୍ରୀୟ କାର୍ଯ୍ୟକର୍ତ୍ତା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ସେ କହିଛନ୍ତି ବିଧାନସଭା ନିର୍ବାଚନ ଘୋଷଣା ହୋଇଥିବା ରାଜ୍ୟଗୁଡ଼ିକରେ ଏହି ଅଭିଯାନ ନିର୍ବାଚନ ପରେ ଆରମ୍ଭ କରାଯିବ। ଦଳର ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଏହାର ଆଦର୍ଶକୁ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି ଶ୍ରୀ ପାତ୍ର କହିଛନ୍ତି । ସଭାପତି ଜେ.ପି. ନଡ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଅମିତ ଶାହାଙ୍କ ସମେତ ଦଳର ଅନ୍ୟାନ୍ୟ ଶୀର୍ଷ ନେତୃମଣ୍ଡଳୀ ଯୋଗ ଦେଇଥିଲେ ।

## ସିମ୍ ବକ୍ସ ଠାବ

ସିମ୍ ବକ୍ସ ଘଟଣାରେ ଗିରଫ ହୋଇଥିବା ରାଜୁ ମଣ୍ଡଳଙ୍କୁ ଜେରା ସମୟରେ ମିଳିଥିବା ତଥ୍ୟ ଆଧାରରେ ପୁଲିସ୍ ପକ୍ଷରୁ ଆଜି କଟକର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ମଧୁପାଟଣା ଥାନା ଅନ୍ତର୍ଗତ ରାଜେନ୍ଦ୍ରନଗରରେ ଥିବା ଏକ ଘରୁ ସିମ୍ ବକ୍ସ ଜବତ କରାଯାଇଛି। ୫ ଦିନିଆ ରିମାଣ୍ଡରେ ଆଣି ଜେରା ବେଳେ କଟକରେ ବି ସିମ୍ ବକ୍ସ ଅପରେଟ୍ ହେଉଥିବା ନେଇ ତଥ୍ୟ ରାଜୁ ମଣ୍ଡଳଠୁ ମିଳିଥିବା ଜଣାପଡିଛି। ପୁଲିସ୍ ପକ୍ଷରୁ

ମିଳିଥିବା ସୂଚନା ଅନୁଯାୟୀ, କଟକରୁ ଜବତ ହୋଇଥିବା ସିମ୍ ବକ୍ସ ହାୱାଲା କାରବାରରେ ବ୍ୟବହାର ହେଉଥିବା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି । ହାୱାଲା ଜରିଆରେ ବାଂଲାଦେଶରୁ ନଗଦ ଟଙ୍କା ଭୁବନେଶ୍ୱରକୁ ଆସୁଥିବାର ସନ୍ଦେହ କରାଯାଉଛି । ଏ ସମ୍ପର୍କରେ ଡିସିପି ପ୍ରତୀକ ସିଂ କହିଛନ୍ତି.....

**- V/O –**

## ତାଳ ଚାରା ରୋପଣ

ବଜ୍ରପାତ ଦ୍ୱାରା ଜୀବନହାନୀକୁ ରୋକିବା ଲାଗି ରାଜ୍ୟରେ ତାଳ ଚାରା ରୋପଣ ଉପରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ୨୦ ଲକ୍ଷ ତାଳ ଚାରା ରୋପଣ ପାଇଁ ପଦକ୍ଷେପ ନିଆଯାଇଛି । ପ୍ରତିବର୍ଷ ଓଡ଼ିଶାରେ ବଜ୍ରପାତ ଯୋଗୁଁ ଜୀବନହାନୀ ହୋଇଥାଏ । ଏକ ସାକ୍ଷାତକାରରେ ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ତାଳଗଛ ଦ୍ୱାରା ବଜ୍ରପାତଜନିତ ଜୀବନହାନୀକୁ ପ୍ରତିହତ କରାଯାଇପାରିବ ।

## ବଜ୍ରପାତ–ସତର୍କତା

ବଜ୍ରପାତ ସମୟରେ ନିଜକୁ ସୁରକ୍ଷିତ ରଖିବା ପାଇଁ କେତେଗୁଡ଼ିଏ ସତର୍କତାମୂଳକ ପଦକ୍ଷେପ ନେବା ଉପରେ ସ୍ୱତନ୍ତ୍ର ରିଲିଫ କମିଶନର ଗୁରୁତ୍ୱ ଆରୋପ କରିଛନ୍ତି । ଖୋଲାସ୍ଥାନରୁ ଯଥାଶୀଘ୍ର ପକ୍କା ଘର ଭିତରକୁ ଚାଲି ଆସିବାକୁ କୁହାଯାଇଛି । ଘର ଭିତରେ ଥିବାବେଳେ କାନ୍ଥ, ଝରକା ଏବଂ କବାଟଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି । ବଜ୍ରପାତ ସମୟରେ ବିଦ୍ୟୁତ୍‌ଚାଳିତ ଉପକରଣ ମୋବାଇଲ୍ ଫୋନ୍ ଆଦି ବ୍ୟବହାରକୁ ବାରଣ

କରାଯାଇଛି । ଗୃହପାଳିତ ପଶୁଙ୍କୁ କୌଣସି ଧାତବ ପଦାର୍ଥରେ ବାନ୍ଧି ନ ରଖିବାକୁ କୁହାଯାଇଛି । ଜଳାଶୟ ନିକଟରୁ ମଧ୍ୟ ଦୂରେଇ ରହିବାକୁ କୁହାଯାଇଛି ।

## ଗଣେଶ ପୂଜା– ଡିଜେ ବନ୍ଦ

ଆଗାମୀ ଗଣେଶଙ୍କ ପୂଜା ଭସାଣରେ ଅତ୍ୟଧିକ ଶବ୍ଦ ସୃଷ୍ଟି କରୁଥିବା ବାଦ୍ୟଯନ୍ତ୍ର ବ୍ୟବହାରକୁ ନିଷିଦ୍ଧ କରାଯାଇଛି । କଟକ-ଭୁବନେଶ୍ୱର କମିଶନରେଟ୍ ପୁଲିସ୍ ପକ୍ଷରୁ ଏହି ନିର୍ଦ୍ଦେଶ ଦିଆଯାଇଛି । ଭସାଣୀରେ ଡିଜେ ସାଉଣ୍ଡ ବକ୍ସ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି । ଶବ୍ଦ ପ୍ରଦୂଷଣକୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡିଛି । କମିଶନରେଟ୍ ପୁଲିସ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ।

ସୂଚନାଯୋଗ୍ୟ, ଆସନ୍ତା ମାସ ୭ ତାରିଖରେ ଗଣେଶ ପୂଜା ଅନୁଷ୍ଠିତ ହେବ ।

## ରକ୍ତଦାନ ଶିବିର

**ମାଲକାନଗିରି** ଜିଲ୍ଲା ସଦର ମହକୁମାର ଏମ.ଭି-୩ ଗ୍ରାମସ୍ଥିତ ସୀମା ସୁରକ୍ଷା ବଳ ଶିବିରଠାରେ ଆଜି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୀମା ସୁରକ୍ଷା ବଳର ଉପନିରୀକ୍ଷକ ବିଜୟ ସିହ୍ନା ଯୋଗଦେଇ ରକ୍ତଦାନର ମହତ୍ତ୍ୱ ଓ ରକ୍ତର ବିକଳ୍ପ କେବଳ ମଣିଷ ହିଁ ପୂରଣ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ । ଶିବିରରେ ମୋଟ ୨୨ଟି ରକ୍ତ ନମୁନା ସଂଗ୍ରହ କରାଯାଇଥିଲା ।

## ଶ୍ରମିକ ମୃତ୍ୟୁ

**ଢେଙ୍କାନାଳ** ଜିଲ୍ଲା ମଙ୍ଗଳପୁର ପଂଚାୟତର ଜଣେ ବ୍ୟକ୍ତିଙ୍କର ଚେନ୍ନାଇରେ ମୃତ୍ୟୁ ହେବା ନେଇ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ସେ ଚେନ୍ନାଇର ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ। ତାଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଶ୍ରମ ବିଭାଗ ପକ୍ଷରୁ ଏହି ତଦନ୍ତ ଆରମ୍ଭ ହୋଇଥିବା ଜଣାପଡିଛି। ତଦନ୍ତ ପରେ ତାଙ୍କର ମୃତ୍ୟୁର କାରଣ ଜଣାପଡିବ ବୋଲି ଶ୍ରମ ବିଭାଗ କହିଛି।

## ବଜ୍ରପାତ

**ଯାଜପୁର** ଜିଲା ଧର୍ମଶାଳା ବ୍ଲକ ଅଂଚଳରେ ଆଜି ଅପରାହ୍ନରେ ବଜ୍ରପାତ ଫଳରେ ଜଣକର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବିଲରେ ଚାଷ କରୁଥିବା ସମୟରେ ବଜ୍ରାଘାତ ହୋଇଥିଲା। ତାଙ୍କୁ ସଂଗେସଂଗେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି **କେନ୍ଦ୍ରାପଡ଼ା** ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅର୍ନ୍ତଗତ ଦୋଷିଆ ପଂଚାୟତରେ ବଜ୍ରପାତରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବାସୁଦେବପୁର ଗ୍ରାମର ଏହି ଦୁଇଜଣ ବ୍ୟକ୍ତିଙ୍କୁ ପଟ୍ଟାମୁଣ୍ଡାଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲ୍ଲାର କେତେକ ସ୍ଥାନରେ ଗତକାଲି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଯାଇଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ତିନିଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଞ୍ଜାମ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏହି ସମୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ଯାଜପୁର ଜିଲ୍ଲାର ଦାନଗଦିରେ ସର୍ବାଧିକ ୬୧ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି।

ଅନ୍ୟପକ୍ଷରେ, ଜୁନ୍ ପହିଲାରୁ ଏପର୍ଯ୍ୟନ୍ତ ରାଜ୍ୟରେ ୬୮୬ ଦଶମିକ ୫ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି। ଯାହାକି ସ୍ୱାଭାବିକ୍ ବର୍ଷା ତୁଳନାରେ ୧୧ ପ୍ରତିଶତ କମ ଥିବା ପାଣିପାଗ କେନ୍ଦ୍ର କହିଛି।

## ଗଭ୍-ଏଫ୍ଏମ୍ଡି ମୁକ୍ତ ଭାରତ

ଟିକାକରଣ ମାଧ୍ୟମରେ ଆସନ୍ତା ୨୦୩୦ ସୁଦ୍ଧା ଭାରତରୁ ପଶୁ ସମ୍ପଦର ପାଦ ଏବଂ ମୁଖ ରୋଗ - ଏଫ୍.ଏମ୍.ଡିକୁ ମୁଳୋତ୍ପାଟନ କରିବାଲାଗି ଲକ୍ଷ୍ୟ ରଖାଯାଇଛି । ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ

ରାଜୀବ ରଞ୍ଜନ ସିଂହ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଭାରତୀୟ ଅର୍ଥନୀତି ପାଇଁ ପଶୁସମ୍ପଦର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ । ଭାରତକୁ ଏଫ୍‌ଏମ୍‌ଡି ମୁକ୍ତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଗୁଡ଼ିକ ଉପରେ ସେ ସମୀକ୍ଷା କରିବା ଅବସରରେ ଏହା କହିଛନ୍ତି ।

ସେ କହିଛନ୍ତି ଏଫ୍‌ଏମ୍‌ଡିକୁ ପ୍ରତିହତ କରିବା ସହ ପଶୁସମ୍ପଦ କ୍ଷେତ୍ରର ଅଭିବୃଦ୍ଧି କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଉଛି । ଆଇ.ସି.ଏ.ଆର୍ ଦ୍ୱାରା ବିକଶିତ ଏବଂ ଘରୋଇ ସ୍ତରରେ ଏହି ପଶୁ ଟୀକାର ଉତ୍ପାଦନ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି । ଟୀକାଯୋଗାଣ ଇତିମଧ୍ୟରେ ଆରମ୍ଭ ହୋଇସାରିଛି ବୋଲି ସେ ସୂଚନା ଦେଇଛନ୍ତି ।

**********************************